**This Question Paper consists of 25 questions and 7 printed pages.**
ଏହି ପ୍ରଶ୍ନପତ୍ରରେ ମୋଟ **25** ଟି ପ୍ରଶ୍ନ ଅଛି ଏବଂ **7** ମୁଦ୍ରିତ ପୃଷ୍ଠା ଅଛି ।

| **Roll No.** ରୋଲ୍ ନମ୍ବର | | | | | | | | | | | | **Code No. 58/S/A/OR** କୋଡ୍ ନମ୍ବର |
|---|---|---|---|---|---|---|---|---|---|---|---|---|

**Set - A**

# ODIA
# (ଓଡ଼ିଆ)
# (233)

**Day and Date of Examination**
**ପରୀକ୍ଷାର ଦିନାଙ୍କ ଓ ତାରିଖ** ____________________

**Signature of Invigilators**
**ନିରୀକ୍ଷକଙ୍କ ସ୍ୱାକ୍ଷର** **1.** ____________________

**2.** ____________________

**ସାଧାରଣ ନିର୍ଦ୍ଦେଶାବଳୀ :**

**1** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିକର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କିନାହିଁ ଦେଖି ନିଅନ୍ତୁ ।

**3** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6** ପ୍ରଶ୍ନପତ୍ରର କୋଡ଼ ନମ୍ବର **58/S/A/OR-A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ODIA

# (ଓଡ଼ିଆ)

# (233)

ସମୟ : **3** ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : **100**

**ନୋଟ୍ :** (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଧାରିତ ସଂଖ୍ୟା (ମାର୍କ୍) ସୂଚିତ ହୋଇଛି ।

**1** ବିପରୀତାର୍ଥ ବୋଧକ ଶବ୍ଦ ଲେଖ : (4 ଟିର) **2**

ଉପକାର, ବଳକା, ପରୋକ୍ଷ, ଦୋଷୀ, ହାନି

**2** ପରୋକ୍ଷୋକ୍ତିରେ ପରିଣତ କର : **1**

ବୃଦ୍ଧ ଲୋକଟି କହିଲା - "ଏ ବର୍ଷ ଶୀତ କି ପ୍ରବଳ !"

**3** ଏକ ପଦରେ ପ୍ରକାଶକର : **1**

କାନରେ କୁହେଯେ, ବଣରେ ଭୋଜି

**4** ସମୋଚାରିତ ଶବ୍ଦର ଅର୍ଥ ଲେଖ : **2**

ନୀତି-ନିତି, ଗୁଣି-ଗୁଣୀ

**5** ସନ୍ଧି ବିଚ୍ଛେଦ କର : (2 ଟିର) **3**

ପିତ୍ରାବେଶ, ଚିନ୍ମୟ, ଗ୍ରାମାଞ୍ଚଳ, ସଙ୍କଳନ

6 ରୂଢ଼ିମାନଙ୍କର ଅର୍ଥ ଲେଖ : (3 ଟିର) 3

ଉଷୁନା ଧାନରୁ ଗଜା, କୁହୁଡ଼ି ପହଁରିବା, ଘରବୁଡ଼ି ପାଣି ଆଣ୍ଠୁଏ, ଛେନାରୁ ଚୋପା ଛଡାଇବା

7 ନିମ୍ନଲିଖିତ ପ୍ରତ୍ୟୟ ଗୁଡ଼ିକ ମଧ୍ୟରୁ ଯେ କୌଣସି 3 ଟି ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର : 3

ଉଆ, ଆନି, ଚିଆ, ଇୟ, ରା

8 ନିମ୍ନଲିଖିତ ବାକ୍ୟ ଗୁଡ଼ିକ ମଧ୍ୟରୁ କେଉଁଟି ଜଟିଳ ବାକ୍ୟ, କେଉଁଟି ସରଳ ବାକ୍ୟ ଓ କେଉଁଟି ଯୌଗିକ ବାକ୍ୟ ଚିହ୍ନାଇ ଦିଅ : 3

(କ) ସଂକୀର୍ଣ୍ଣତା ମଧ୍ୟରେ ମନକୁ ଯଦି ଆବଦ୍ଧ କରିବ, ତେବେ କର୍ମକ୍ଷେତ୍ର ମଧ୍ୟ ଆବଦ୍ଧ ହୋଇଯିବ ।

(ଖ) ତୁଳସୀ ଦୁଇ ପତ୍ରରୁ ବାସେ, ବିଛୁଆତି ଦୁଇ ପତ୍ରରୁ କୁଣ୍ଡାଇ ହୁଏ ।

(ଗ) ଚନ୍ଦ୍ରୋଦୟରେ ଆକଶ ନିର୍ମଳ ଦିଶେ ।

9 ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର : 1

ସକାଳୁ କହେ __________ ଚୋରକୁ କାଲିଭୂଆଁଟି ।

(ହଲାଇଦେଲି, ବୁଲାଇଦେଲି, ଚଲାଇଦେଲି)

10 'ବର' ଶବ୍ଦର 2 ଟି ଅର୍ଥ ଲେଖ । $\frac{1}{2} + \frac{1}{2} = 1$

11 ନିମ୍ନ ଶବ୍ଦଟି କେଉଁ ପ୍ରକାର ପଦ : 1

ପ୍ରାସଙ୍ଗିକ (ବିଶେଷ୍ୟ, ବିଶେଷଣ)

12 ନିମ୍ନଲିଖିତ ଶବ୍ଦର ପଦ୍ୟରୂପ ଲେଖ : (2 ଟିର) 2

ପର୍ବ, ଅର୍ଜ୍ଜୁନ, ସ୍ମରିଲେ, ଶବ୍ଦ

13 ନିମ୍ନୋକ୍ତ ଶବ୍ଦ ମାନଙ୍କର ବର୍ତ୍ତମାନ ପ୍ରଚଳିତ ରୂପ ଲେଖ : (2 ଟିର) 2

ବସ୍ତ୍ରେ ସ୍ନାହାନ, ଆଗ୍ୟାଂ, ପ୍ରତକ୍ଷେ

14 ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ସୂନ୍ୟସ୍ଥାନ ପୂରଣ କର : 1

ଲକ୍ଷ୍ମଣଙ୍କ ଗ୍ରାମ ପାଖରେ __________ ନଦୀ ପ୍ରବାହିତ ।

(କ) କାବେରୀ (ଖ) କୋଲାବ୍ (ଗ) ଇନ୍ଦ୍ରାବତୀ

15 'ଆଲୋକିତ' ପରି ଆଉ ଏକ ଶବ୍ଦ ଲେଖ । 1

16 ଠିକ୍ ଉତ୍ତର ବାଛି ✓ ଦିଅ : 1

ବାହୁଡ଼ିବ ଏବେ ଦାରୁଣ ସଂସାରେ ଅର୍ଥ

(କ) କବି ସଂସାରକୁ ପୁଣି ବାହୁଡ଼ି ଯିବାକୁ ଚାହାନ୍ତି

(ଖ) କବି ସଂସାରକୁ ବାହୁଡ଼ିବା ବାଧ୍ୟତାମୂଳକ

(ଗ) ଅନିଚ୍ଛା ସତ୍ତ୍ୱେ, ଦୁଃଖର ସହ ସଂସାରକୁ ବାହୁଡ଼ିବା ପାଇଁ କବି ବାଧ୍ୟ

17 'କ' ସ୍ତମ୍ଭରେ ଥିବା ଶବ୍ଦ ମାନଙ୍କ ସହ 'ଖ' ସ୍ତମ୍ଭରେ ଦିଆ ଯାଇଥିବା ଶବ୍ଦର ସଂପର୍କ ଦର୍ଶାଇ ଖାତାରେ ଠିକ୍ ଉତ୍ତର ଲେଖ ତିନୋଟିର 3

'କ' ସ୍ତମ୍ଭ - ଉଦାସୀନ, ଛାର, ମହୋତ୍ସବମୟ, ହା'ହା'ମୟ, ଜୀବନ୍ତ ମରଣ ।

'ଖ' ସ୍ତମ୍ଭ - ଜୀବଦ୍ଦଶାରେ ମୃତ୍ୟୁ ଯନ୍ତ୍ରଣା, ସୌଭାଗ୍ୟମୟ, ସଂସାର ବିରାଗୀ, ତୁଚ୍ଛ, ଆନନ୍ଦମୟ ।

18 ଶୁଦ୍ଧ ଶବ୍ଦଟିକୁବାଛି ଲେଖ : **1**

(କ) କୃର, କ୍ରୁର, କ୍ରୂର

19 ସଂକ୍ଷେପରେ ଉତ୍ତର ଦିଅ : (6 ଟିର) $1\frac{1}{2} \times 6 = 9$

(କ) ପଠିତ କବିତାରେ 'ଅଣିମା ଅନନ୍ତ' ଶବ୍ଦର ଅର୍ଥ କ'ଣ ?

(ଖ) ଯୁଧିଷ୍ଠିର ତାଙ୍କର ଭାଇ ମାନଙ୍କୁ ଏକ ଏକ ବାହାବୋଲି କାହିଁକି କହିଛନ୍ତି ?

(ଗ) କବି ନିଜକୁ ଦୁଃଖ ଗୁରୁଙ୍କର ପ୍ରଧାନ ଶିଷ୍ୟ ବୋଲି ।

(ଘ) କାହାକୁ ଏଠାରେ ଦୋଳି ଭାବରେ ଗ୍ରହଣ କରାଯାଇଛି ?

(ଙ) ଚାଟ ଉଞ୍ଚାଇ ଦେଲେ ଗାଳି - କାହିଁକି ?

(ଚ) ବିଲଂକ ରାଜାଙ୍କର ଅର୍ଗସ୍ତଙ୍କ ପ୍ରତି କେଉଁ ଭାବ ପ୍ରକାଶ ପାଇଛି ?

(ଛ) ଯୁଧିଷ୍ଠିରଙ୍କର ଶ୍ୱାନର ବର୍ଣ୍ଣ କିପରି ?

20 ସଂକ୍ଷେପରେ ଯେକୌଣସି 3 ଟି ପ୍ରଶ୍ନର ଉତ୍ତର ଦିଅ : **3×3 = 9**

(କ) ଗାଁର ପିଲାଏ କେଉଁ ଭାବେ ଚକୁଳିଆ ପଣ୍ଡାଙ୍କୁ ତଡ଼ି ଦେଲେ ?

(ଖ) ସେହି ବୁଢ଼ା ଜନ ନାୟକଙ୍କୁ ମନେ ରଖିଥିବ - କିଏ ଏହି ବୁଢ଼ା ଜନ ନାୟକ ? କ'ଣ ଥିଲା ତାଙ୍କ ଜୀବନର ଆଦର୍ଶ ?

(ଗ) ଦୁଇଟି ପୀଠ ହିସାବରେ ଲେଖକ କାହାକୁ ଉଲ୍ଲେଖ କରିଛନ୍ତି ?

(ଘ) ଚ଼ଷାଯୁବକଟି କେଉଁଟି ବିଶ୍ରାମ ନେଇଥିଲା ?

**21** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି 3 ଟି ପ୍ରଶ୍ନର ଉତ୍ତର ଦିଅ : **3×7 = 21**

(କ) ମଣିଷର ଆଚରଣ ଓ ବାତାୱରଣ ମଦ୍ୟରେ ଥିବା ସଂପର୍କ ବିଷୟରେ ଆଲୋଚ଼ନା କର ?

(ଖ) କଳିଙ୍ଗ କହିଲେ କେଉଁ ଅଞ୍ଚଳଙ୍କୁ ବୁଝାଉଥିଲା ? ଏହାର ସଂସ୍କୃତି ଓ ଭାଷାଗତ ବୈଶିଷ୍ଟ୍ୟର ସୂଚ଼ନା ଦିଅ ।

(ଗ) ମସୁରୀର କି କି ବିଶେଷତ୍ୱ ରହିଛି ?

(ଘ) ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ କୃତ କାର୍ଯ୍ୟ ହେବା ପାଇଁ ଲେଖିକା ଉତ୍କଳ ବାସୀଙ୍କୁ କି ପରାମର୍ଶ ଦେଇଛନ୍ତି ?

(ଙ) ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟମାନଙ୍କ ଠାରୁ ଲକ୍ଷ୍ମଣଙ୍କ ଭୂମିକା କାହିଁକି ସ୍ୱତନ୍ତ୍ର ?

**22** ଯେକୌଣସି 2 ଟି ପ୍ରଶ୍ନର ଉତ୍ତର ଦିଅ : **6×6 = 12**

(କ) ସଂସାର ଓ ସଂସାରୀ ପ୍ରତି କବିଙ୍କର ଦୃଷ୍ଟିକୋଣ 'ଚିଲିକା' କବିତା ଅବଲମ୍ବନରେ ଆଲୋଚ଼ନା କର ।

(ଖ) 'ଉତ୍କଳ ଲକ୍ଷ୍ମୀ' କବିତା ଅବଲମ୍ବନରେ କବିଙ୍କର ପ୍ରକୃତି ପ୍ରେମର ପରିଚ଼ୟ ଦିଅ ।

(ଗ) 'ମୋଜୀବନ ପଛେ ନର୍କେ ପଡ଼ିଥାଉ' କବିତାରେ ମାନବବାଦର ବାଣୀ ପ୍ରତିଧ୍ୱନିତ – ଆଲୋଚନା କର ।

**23** 200 ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ରଚ଼ନା ଲେଖ : **10**

(କ) ତୁମର ପ୍ରିୟ ଖେଳ

(ଖ) ପୁସ୍ତକ ମେଳା

(ଗ) ସମ୍ବାଦ ପତ୍ର

**24** ବନ୍ୟାଦୁର୍ଗତ ଅଞ୍ଚଳର ଅଧିବାସୀ ଭାବରେ ଖଣ୍ଡିଏ ଇନ୍ଦିରା ଆବାସ ପାଇବା ପାଇଁ ସଂପୃକ୍ତ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ । **5**

**କିମ୍ବା**

ପରୀକ୍ଷାପରେ ତୁମେ କ'ଣ କରିବାକୁ ଚାହୁଁଛ, ସେ ବିଷୟରେ ବାପାଙ୍କ ନିକଟକୁ ଏକ ପତ୍ର ଲେଖ ।

**25** ଓଡ଼ିଆରେ ଅନୁବାଦ କର : **2**

(i) A little learning is dangerous.

(ii) Something is better than nothing.